# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ଚ଼ାଲିଶ ବର୍ଷ

ଲେଖକ: Edward Hughes

ଦୃଷ୍ଟାନ୍ତ: Janie Forest

ଉପଯୋଜକ: Lyn Doerksen

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2014 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ
ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।



ଯେତେବେଳେ ସଦାପ୍ରଭୁ ଇସ୍ରାଏଲକୁ ମିଶରରୁ ଉଦ୍ଧାର କରି ବାହାର କରି ଆଣିଲେ, ମୋଶା ଲୋକମାନଙ୍କୁ ଉପାସନାରେ ଆଗେଇ ନେଲେ । ସେ ଏକ ପ୍ରଶଂସାର ଗୀତ ପ୍ରସ୍ତୁତ କଲେ । ମୁଁ ସଦାପ୍ରଭୁଙ୍କୁ ପ୍ରଶଂସା କରିବି କାରଣ ସେ ମହିମା ପୂର୍ବକ ବିଜୟ ସାଧନ କଲେ । ସଦାପ୍ରଭୁ ଇସ୍ରାଏଲ୍ ନିମନ୍ତେ ଯେଉଁ ମହତ୍ କାର୍ଯ୍ୟ ସାଧନ କଲେ ସେହିସବୁ ସେ ଗାନ କଲେ ।





ମରୁଭୂମିର ଯାତ୍ରାର ତିନିଦିନ ପରେ ତୃଷିତ ଲୋକମାନେ ଏକ ପୋଖରି ନିକଟରେ ଉପସ୍ଥିତ ହେଲେ । ମାତ୍ର ସେମାନେ ସେଥିରୁ ସେହି ପିତ ଜଳକୁ ପାନକରି ପାରିଲେ ନାହିଁ । ଲୋକମାନେ ପ୍ରାର୍ଥନା କରିବା ବଦଳରେ ଅନୁଯୋଗ କରିବା ଆରମ୍ଭ କଲେ ।

ସଦାପ୍ରଭୁ ସେମାନଙ୍କୁ ଦୟାକଲେ ।
ସେ ଜଳକୁ ମିଷ୍ଟତାରେ ପୂର୍ଣ୍ଣକଲେ ।



ଲୋକମାନେ ସମସ୍ତ ବିଷୟ ନିମନ୍ତେ ଅନୁଯୋଗ କଲେ ।

ସେମାନେ କହିଲେ, ମିଶରରେ ଥିବା ସମୟରେ ଆମ୍ଭଠାରେ ଖାଦ୍ୟ ଥିଲା । ସାତ୍ର ଏହି ମରୁ ଅଞ୍ଚଳରେ ଆମ୍ଭେମାନେ ଖାଦ୍ୟ ନ ପାଇ ପ୍ରାଣତ୍ୟାଗ କରିବୁ । ସେହି ରାତ୍ରୀରେ ସଦାପ୍ରଭୁ ଭାଟୁଇ ପକ୍ଷିମାନଙ୍କୁ ପଠାଇଲେ । ସହଜରେ ଲୋକମାନେ ସମାନଙ୍କୁ ଧରି ପାରିଲେ ।

ପରଦିନ ପ୍ରଭାତ ସମୟରେ ସଦାପ୍ରଭୁ
ସେମାନଙ୍କୁ ମାନ୍ନା ଦେଲେ । ଏହା
ଦେଖିବାକୁ ରୋଟିପରି ଓ ତାହାର ସ୍ୱାଦ
ମଧୁପରି ଥିଲା । ପ୍ରତ୍ୟକ ଦିନ ସକାଳେ
ସଂଗ୍ରହଯୋଗ୍ୟ ମାନ୍ନା ଜମିରେ ପଡ଼ିରହେ ।



ଏହିପରି ଭାବରେ ସଦାପ୍ରଭୁ
ତାଙ୍କ ଲୋକମାନଙ୍କୁ ମରୁଭୂମିରେ
ଖାଦ୍ୟ ଯୋଗାଇଲେ ।

ସେମାନଙ୍କୁ ପ୍ରତ୍ୟକ ଦିନର ନୂତନ ଖାଦ୍ୟ ନିମନ୍ତେ ସଦାପ୍ରଭୁଙ୍କ ଉପରେ ନିର୍ଭର କରିବାକୁ ପଡ଼ିଲା । ମାତ୍ର କିଛି ଲୋକ ଅଧିକ ପରିମାଣରେ ସଂଗ୍ରହ କଲେ, ଯଦ୍ୟପି, ସଦାପ୍ରଭୁ ସେମାନଙ୍କୁ କହିଥିଲେ ତାହା ପ୍ରାଃତକାଳ ପର୍ଯ୍ୟନ୍ତ ରହିବ ନାହିଁ ।



ନିଷ୍ଚତରେ, ପୂର୍ବଦିନର ମାନ୍ନାରେ ପୋକ ଜନ୍ମିଲା ଓ ଦୁର୍ଗନ୍ଧ ହେଲା । ମାତ୍ର ବିଶ୍ରାମବାରରେ ଲୋକମାନେ ପୂର୍ବଦିନର ମାନ୍ନା ଭୋଜନ କଲେ । କାରଣ ସପ୍ତମ ଦିନରେ ଲୋକମାନେ ବିଶ୍ରାମ କଲେ ।



ସଦାପ୍ରଭୁ ଇସ୍ରାଏଲ୍
ଲୋକମାନଙ୍କୁ ସେହି
ମରୁଭୂମିରେ ପ୍ରତିପାଳନ
କଲେ । ସେ ସେମାନଙ୍କୁ ଖାଦ୍ୟ ଓ
ଜଳ ପ୍ରଦାନ କଲେ । ଏବଂ ଶତ୍ରୁମାନଙ୍କଠାରୁ
ସେମାନଙ୍କୁ
ରକ୍ଷାକଲେ ।



ଯେତେବେଳେ

ଅମାଲେକୀୟମାନେ

ଆକ୍ରମଣ କଲେ, ସେହି ସମୟରେ

ସେମାନେ ସମସ୍ତ ଯୁଦ୍ଧ ଜୟ କଲେ

ଯେ ସମୟ ପର୍ଯ୍ୟନ୍ତ ମୋଶା ପରମେଶ୍ୱରଙ୍କ

ଯଷ୍ଠି ଉତ୍ତୋଳନ କରି ରଖିଥିଲେ ।





ସଦାପ୍ରଭୁ ଇସ୍ରାଏଲୀୟମାନଙ୍କୁ କହିଲେ, ଯଦି ତୁମ୍ଭେମାନେ ମୋହର ରବ ଶୁଣିବ ତେବେ ତୁମ୍ଭେମାନେ ମୋହର ବିଶେଷ ଲୋକ ହୋଇଯିବ । ସଦାପ୍ରଭୁ ଯାହା କହିବେ ଆମ୍ଭେ ତାହା କରିବା,ଲୋକମାନେ ମୋଶାଙ୍କୁ କହିଲେ । ସେମାନେ ସିନୟ ପର୍ବତର ପାଦଦେଶରେ ଉପସ୍ଥିତ ହେଲେ, ଓ ମୋଶାଙ୍କର ଅପେକ୍ଷାରେ ରହିଲେ କାରଣ ମୋଶା ସଦାପ୍ରଭୁଙ୍କ ସହିତ ଆଳାପ କରିବାକୁ ଗଲେ ।



ମୋଶା ସଦାପ୍ରଭୁଙ୍କ ସହିତ
ଚାଳିଶ ଦିନ ପର୍ଯ୍ୟନ୍ତ
ପର୍ବତ ଉପରେ ରହିଲେ ।
ସଦାପ୍ରଭୁ ଦୁଇ ପ୍ରସ୍ତର
ନେଇ ସେଠାରେ ଦଶଆଜ୍ଞା
ଖୋଦିତ କଲେ । ତାଙ୍କ
ଲୋକମାନେ ଯେପରି
ବଞ୍ଚିବା ଆବଶ୍ୟକ ତାହା
ସେ ମୋଶାଙ୍କୁ କହିଲେ ।

୧. "ଆମ୍ଭ ସାକ୍ଷାତରେ ତୁମ୍ଭର ଆଉ କୌଣସି ଦେବତା ହେବ ନାହିଁ ।"

୨. "ପ୍ରତିମା ପୂଜା କରନାହିଁ ।"

୩. "ସଦାପ୍ରଭୁଙ୍କ ନାମ ମିଥ୍ୟାରେ ନେବ ନାହିଁ ।"

୪. "ବିଶ୍ରାମ ବାରକୁ ପବିତ୍ରରୂପେ ପାଳନ କର ।"

୫. "ତୁମ୍ଭେ ଆପଣା ପିତାମାତାଙ୍କୁ ସମ୍ମାନ କର ।"

୬. "ତୁମ୍ଭେ ନରହତ୍ୟା କରନାହିଁ ।"

୭. "ତୁମ୍ଭେ ବ୍ୟଭିଚାର କରିବନାହିଁ ।"

୮. "ଚୋରି କରବନାହିଁ ।"

୯. "ତୁମ୍ଭେ ଆପଣା ପ୍ରତିବାସି ବିରଦ୍ଧରେ ମିଥ୍ୟାସାକ୍ଷ୍ୟ ଦେବନାହିଁ ।"

୧୦. "ଲୋଭ କରିବ ନାହିଁ ।"



ଯେତେବେଳେ ମୋଶା ସିନୟ ପର୍ବତରେ
ସଦାପ୍ରଭୁଙ୍କ ସହିତ ଥିଲେ ଇସ୍ରାଏଲୀୟ
ଲୋକମାନେ ଘୃଣ୍ୟକାର୍ଯ୍ୟ କଲେ ।
ସେମାନେ ହାରୋଣଙ୍କୁ ସେମାନଙ୍କ
ନିମନ୍ତେ ସ୍ୱର୍ଣ୍ଣରେ ଏକ ବାଛୁରି ନିର୍ମାଣ
କରାଇଲେ ଓ ସେମାନେ ସଦାପ୍ରଭୁଙ୍କ
ପରିବର୍ତ୍ତେ ତାହାକୁ ପୂଜାକଲେ ।
ସଦାପ୍ରଭୁ କ୍ରୋଧିତ ହେଲେ । ମୋଶା
ମଧ୍ୟ କ୍ରୋଧ କଲେ ।



ଯେତେବେଳେ ମୋଶା ସେହି ସ୍ୱର୍ଣ୍ଣନିର୍ମୀତ
ଗୋରୁ ଓ ଲୋକମାନଙ୍କ ନୃତ୍ୟ ଦେଖିଲେ,
ସେ ସେହି ଦୁଇ ପ୍ରସ୍ତରକୁ ପର୍ବତ ତଳେ
ଭାଙ୍ଗି ପକାଇଲେ । ସେ ସେମାନଙ୍କ ନିର୍ମୀତ
ବାଛୁରିକୁ ଘେନି ଅଗ୍ନିରେ ପୋଡ଼ିଲେ ଓ
ତାହା ପେଷି ଧୂଳି କଲେ । ସେ ଦୁଷ୍ଟଲୋକ
ଯେଉଁମାନେ ତାହାର ପୂଜକ ଥିଲେ
ସେମାନଙ୍କୁ ବଧକଲେ ।

ସଦାପ୍ରଭୁ ପୁଣିଥରେ ମୋଶାଙ୍କୁ ସେହିପ୍ରକାରର ଦୁଇ ପ୍ରସ୍ତର ଦେଲେ । ସଦାପ୍ରଭୁ ମୋଶାଙ୍କୁ ଏକ ସମାଗମ-ତମ୍ବୁ ନିର୍ମାଣ କରିବାକୁ କହିଲେ ଯାହାର ଚାରିପଟେ ବେଡ଼ିଥିଲା । ଯେଉଁଠାରେ ସଦପ୍ରଭୁ ତାଙ୍କ ଲୋକମାନଙ୍କ ସହିତ ରହିବେ । ସେହି ସ୍ଥାନରେ ସେମାନେ ସଦାପ୍ରଭୁଙ୍କର ସେବା କରିବେ । ମେଘସ୍ତମ୍ଭ ଓ ଅଗ୍ନିସ୍ତମ୍ଭ ଯାହା ସଦାପ୍ରଭୁଙ୍କୁ ବର୍ଣ୍ଣନା କଲା ତାହା ସେମାନଙ୍କ ସହିତ ଉପସ୍ଥିତ ଥିଲା ।



ସେମାନେ ଯେତେବେଳେ କିଣାନ୍ ଦେଶର ନିକଟରେ ପହଞ୍ଚିଲେ, ମୋଶା ବାରଜଣ ଚର ସଦାପ୍ରଭୁଙ୍କ ପ୍ରତିଜ୍ଞାତ ଦେଶ ପରିଦର୍ଶନ କରିବାକୁ ପ୍ରେରଣ କଲେ । ଦୁଇଜଣ ଯିହୋଶୂୟ ଓ କାଲେବଙ୍କ ଛଡ଼ା ପଠାଯାଇଥିବା ସମସ୍ତ ଲୋକ ସେହି ସ୍ଥାନ ସୁନ୍ଦର ବୋଲି କହିଲେ, ମାତ୍ର ଯିହୋଶୂୟ ଓ କାଲେବ ବିଶ୍ୱାସ କଲେ ଯେ ସଦାପ୍ରଭୁଙ୍କ ସାହାଯ୍ୟରେ ସେମାନେ ସେହି ଦେଶକୁ ଅକ୍ତିଆର କରିବାକୁ ସକ୍ଷମ ହେବେ ।



ଅନ୍ୟ ଦଶଜଣ ଦେଶ ଅନୁଶନ୍ଧାନରେ ଯାଇଥିବା ଚ଼ର
ସେହି ଦେଶର ବିରାଟ ଲୋକ ଓ ଶକ୍ତିଶାଳି ନଗରକୁ
ଭୟ କରିଥିଲେ । ଆମ୍ଭେମାନେ ଏହି ଦେଶକୁ ଅକ୍ତିଆର
କରିପାରିବା ନାହିଁ, ସେମାନେ କହିଲେ ।
ସଦାପ୍ରଭୁ ଯେ ମହତ୍ କାର୍ଯ୍ୟ
ସାଧନ କରି ସେମାନଙ୍କୁ
ମିଶର ଦେଶରୁ ବାହାର

କରି ଆଣିଲେ ତାହା
ସେମାନେ ପାଶୋରି ଗଲେ ।



ଲୋକମାନେ ସେହି ଦଶ ଦେଶାନୁଶଂନ୍ଧାନକରୀ ଅବିଶ୍ୱାସିଙ୍କ କଥାରେ ମନଯୋଗ କଲେ । ସେମାନେ କ୍ରନ୍ଦନ କଲେ ଓ ମିଶରକୁ ଫେରିଯିବାକୁ ମନସ୍ତ କଲେ । ସେମାନେ ମୋଶାଙ୍କୁ ମଧ୍ୟ ବଧ କରିବାକୁ ମନ୍ତ୍ରଣାକଲେ ।



ସଦାପ୍ରଭୁ ମୋଶାଙ୍କ ଜୀବନ ରକ୍ଷାକଲେ । ସେ ଲୋକମାନଙ୍କୁ କହିଲେ ତୁମ୍ଭେମାନେ ଚାଳିଶ ବର୍ଷ ପର୍ଯ୍ୟନ୍ତ ପ୍ରାନ୍ତରରେ ଭ୍ରମଣ କରିବ । କେବଳ ଯିହୋଶୂୟ ଓ କାଲେବ ଓ ତାଙ୍କ ସନ୍ତାନମାନେ ସେହି ଦେଶରେ ପ୍ରବେଶ କରିବେ

ଯେଉଁ ଦେଶକୁ ତୁମ୍ଭେମାନେ ତୁଛକଲ ।



ଚାଳିଶ ବର୍ଷ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଯାତ୍ରାପୁସ୍ତକ ୧୫ ରୁ ଗଣନାପୁସ୍ତକ ୧୪

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ ନୁତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ । ଯୋହନ ୩:୧୬